# ଗ୍ରାମୀଣ କୃଷି ମୌସମ ସେବା
# ଭାରତୀୟ ପାଣିପାଗ ବିଭାଗ
# ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ପ୍ରସାରଣ କେନ୍ଦ୍ର , ଭବାନୀପାଟଣା, କଳାହାଣ୍ଡି

---

**ପତ୍ର ସଂ – ୫୬** **ସପ୍ତାହ- ୩୦** **ତାରିଖ- ୨୮.୦୭.୨୦୨୦**

## ପାଣିପାଗ ଭିତିକ କୃଷି ଉପଦେଶ - ନୂଆପଡା ଜିଲ୍ଲା ନିମନ୍ତେ

**ପାଣିପାଗ ପୂର୍ବାନୁମାନ – ୨୯.୦୭.୨୦୨୦ ରୁ ୦୨.୦୮.୨୦୨୦ ପର୍ଯ୍ୟନ୍ତ:**

ଆସନ୍ତା ୦୨.୦୮.୨୦୨୦ ମଧରେ ନୂଆପଡା ଜିଲ୍ଲାରେ ଅତୀବ ସ୍ୱଳ୍ପ ରୁ ମଧମ ଧରଣରେ ବର୍ଷା ହେବା ସମ୍ଭାବନା ଅଛି। ଏହି ସମୟରେ ସର୍ବମୋଟ ୩୨ ମି.ମି. ବର୍ଷା ହେବା ସମ୍ଭାବନା ଅଛି। ଏହି ସମୟ ରେ ଆକାଶ ଆଂଶିକ ରୁ ମୁଖ୍ୟତ ମେଘୁଆ ରହିବା ସମ୍ଭାବନା ଅଛି। ପବନ ଦକ୍ଷିଣ-ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୦୦୪ – ୦୦୮ କି.ମି. ବେଗରେ ବୋହିବା ସମ୍ଭାବନା ଅଛି। ଏହି ସମୟରେ ଦିନ ର ସର୍ବାଧିକ ତାପମାତ୍ରା ୩୫ – ୩୬ ଡିଗ୍ରୀ ସେ. ଓ ସର୍ବନିମ୍ନ ତାପମାତ୍ରା ୨୫ – ୨୬ ଡିଗ୍ରୀ ସେ. ଏବଂ ସର୍ବାଧିକ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଯଥାକ୍ରମେ ୭୭ – ୮୩ % ଓ ୪୨ – ୫୧ % ରହିବା ସମ୍ଭାବନା ଅଛି।

## ପାଣିପାଗ ଭିତିକ କୃଷି ଉପଦେଶ

ଆସନ୍ତା ୦୨.୦୮.୨୦୨୦ ମଧରେ ନୂଆପଡା ଜିଲ୍ଲାରେ ଅତୀବ ସ୍ୱଳ୍ପ ରୁ ମଧମ ଧରଣରେ ବର୍ଷା ହେବା ସମ୍ଭାବନା ଥିବା ସମୟରେ ଆକାଶ ଆଂଶିକ ରୁ ମୁଖ୍ୟତ ମେଘୁଆ ରହିବା ସମ୍ଭାବନା ଥିବା ସମୟରେ ଦିନର ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରା ୩୫ – ୩୬ ଡିଗ୍ରୀ ସେ. ଏବଂ ୨୫ – ୨୬ ଡିଗ୍ରୀ ସେ. ମଧରେ ରହିବା ସମ୍ଭାବନା ଥିବାରୁ

- ଫସଲରେ ଜଳସେଚନ ବନ୍ଦ ରଖନ୍ତୁ ।
- ବୁଣା ଯାଇଥିବା କପା, ମକା, ହରଡ ଇତ୍ୟାଦି ଜମି ରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ।
- ଧାନ ତଳି ତିନି ରୁ ଚାରି ସପ୍ତାହ ଅବସ୍ଥାରେ ରୋଇବା ପାଇଁ ମୁଖ୍ୟ ଜମି ପ୍ରସ୍ତୁତ କରନ୍ତୁ ଓ ଓ ବୁଣା ଧାନ ଏକ ମାସ ଅବସ୍ଥାରେ ବେଉଷଣ କରନ୍ତୁ।
- ତିନି ସପ୍ତାହ ଅବସ୍ଥାରେ କପା ଓ ମକାରେ କୋଡା ଖୋସା କରି ପ୍ରଥମ ସିର୍ସ ସାର ପ୍ରୋୟୋଗୋ କରନ୍ତୁ ଓ ଗଛ ମୂକରେ ହୁଡା ଦିଅନ୍ତୁ।

**ଖରିଫ ଧାନ :**

- ବୁଣା ଯାଇଥିବା ଧାନ ତାଳି ବର୍ତମାନ ପିଲ ହେବା (୨ – ୫ ସପ୍ତାହ) ଅବସ୍ଥାରେ ଅଛି। ଧାନ ତଳି ୩ -୪ ସପ୍ତାହ ଅବସ୍ଥାରେ ରୋଇବା ପାଇଁ ମୁଖ୍ୟ ଜମି ପ୍ରସ୍ତୁତ କରନ୍ତୁ।
- ଶେଷ ଓଡୋ ଚାଷ ପୂର୍ବରୁ ଏକରକୁ ୨ଟନ ଗୋବର ଖାତା ପ୍ରୋୟୋଗୋ କରନ୍ତୁ। ଧାନ ରୋଇବା ପୂର୍ବରୁ ସହଳ କିସମରେ ଏକରକୁ ୨୬କି.ଗ୍ରା. ଡି. ଏ.ପି. ସହିତ ୧୦ କି.ଗ୍ରା ଏମ.ଓ.ପି. ସାର ଏବଂ ମାଧମ ଓ ବିଳମ୍ବ କିସମରେ ୩୫କି.ଗ୍ରା. ଡି. ଏ.ପି. ସହିତ ୧୩ କି.ଗ୍ରା ଏମ.ଓ.ପି. ସାର ପ୍ରୋୟୋଗୋ କରନ୍ତୁ।
- ଧାନ ରୋଇବାର ୧-୩ ଦିନ ମଧରେ ଘାସ ନିୟନ୍ତ୍ରଣ ପାଇଁ ଏକରକୁ ୬୦୦ ମିଲି ପ୍ରେଟିଲାକ୍ଲୋର କିମ୍ବା ୩୨ଗ୍ରାମ oxadiagryl କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା ୮-୧୦ କିଲୋ ବାଲିରେ ମିଶାଇ ପ୍ରୋୟୋଗୋ କରନ୍ତୁ।
- ବୁଣା ଯାଇଥିବା ଧାନ ବର୍ତମାନ ୪-୫ ସପ୍ତାହ ଅବସ୍ଥାରେ ଅଛି। ଚାରି ସପ୍ତାହ ଅବସ୍ଥାରେ ଜମିରେ ପଣି ବନ୍ଦୀ ରଖନ୍ତୁ ଓ ବେଉଷଣ କରି ମାଧମ କିସମରେ ଏକରକୁ ୩୫ କିଲୋ ଇଉରିୟା ପ୍ରୋୟୋଗୋ କରନ୍ତୁ।

**ଧଣିଚା :**

- ବୁଣା ଯାଇଥିବା ଧଣିଚା ଗଜା ହେବାରୁ ୫-୬ ସପ୍ତାହ ଅବସ୍ଥାରେ ଅଛି। ୬ ସପ୍ତାହ ଅବସ୍ଥାରେ ଧଣିଚା କୁ ଚାଷ କରି ମାଟିରେ ମିଶାଇ ଦିଅନ୍ତୁ।

**କପା :**

- କପା ବର୍ତମାନ ୨-୬ ସପ୍ତାହ ଅବସ୍ଥାରେ ଅଛି। କପା ଜମିରୁ ବର୍ଷା ପଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ।
- ଶଙ୍କର କିସମ କପା ତିନି ସପ୍ତାହ ଅବସ୍ଥା ରେ କୋଡା ଖୋସା କରି ଘାସ ବାଛି ଦିଅନ୍ତୁ ଓ ଏକରକୁ୨୬ କିଲୋ ୟୁରିଆ ସହିତ ୨୦ କିଲୋ ଏମ.ଓ.ପି ସାରା ପ୍ରୟୋଗ କରନ୍ତୁ। ଉନ୍ନତ କିସମ କପା ତିନି ସପ୍ତାହ ଅବସ୍ଥା ରେ ଏକରକୁ ୨୦ କିଲୋ ୟୁରିଆ ସହିତ ୧୫ କିଲୋ ଏମ.ଓ.ପି ସାର ପ୍ରୟୋଗ କରନ୍ତୁ।
- କପା ଫସଲ ୬ ସପ୍ତାହ ହୋଇଗଲେ କୋଡା ଖୋସା କରି ଘାସ ବାଛି ଦିଅନ୍ତୁ ଓ ଶଙ୍କର କିସମ ରେ ଏକରକୁ୨୬ କିଲୋ ୟୁରିଆ ପ୍ରୟୋଗ କରନ୍ତୁ। ଉନ୍ନତ କିସମ କପା ୬ ସପ୍ତାହ ଅବସ୍ଥା ରେ ଏକରକୁ ୨୦ କିଲୋ ୟୁରିଆ ପ୍ରୟୋଗ କରନ୍ତୁ।

**ମକା :**

- ବୁଣା ଯାଇଥିବା ମକା ୨ – ୫ ସପ୍ତାହ ଅବସ୍ଥାରେ ଅଛି। ବର୍ଷା ହେବାର ସମ୍ଭାବନା ଥିବାରୁ ମକା ଜମିରୁ ବର୍ଷା ପଣି ନିଷ୍କାସନ କରନ୍ତୁ।
- ତିନି ସପ୍ତାହ ଅବସ୍ଥାରେ ମକାରେ କୋଡ ଖୋସା କରି ଘଷା ବାଛି ଦିଅନ୍ତୁ ଓ ଶଙ୍କର କିସମ ମକା ରେ ଏକର କୁ ୫୨ କିଲୋ ଇଉରିୟା ସାର ପ୍ରୟୋଗ କରନ୍ତୁ।

**<u>ହରଡ :</u>**

- ବୁଣାଯାଇଥିବା ହରଡ ୨-୪ ସପ୍ତାହ ଅବସ୍ଥାରେ ଅଛି। ବର୍ଷା ହେବାର ସମ୍ଭାବନା ଥିବାରୁ ମକା ଜମିରୁ ବର୍ଷା ପଣି ନିଷ୍କାସନ କରନ୍ତୁ।
- ତିନି ସପ୍ତାହ ଅବସ୍ଥାରେ ହରଡରେ କୋଡ ଖୋସା କରି ଘଷା ବାଛି ଦିଅନ୍ତୁ ଓ ଗଛ କୁଳକୁ ମାଟି ଟେକି ଦିଅନ୍ତୁ।

**<u>ମୁଗ:</u>**

- ବୁଣା ଯାଇଥିବା ମୁଗ ବର୍ତମାନ ୩-୪ ସପ୍ତାହ ଅବସ୍ଥାରେ ଅଛି। ତିନି ସପ୍ତାହ ଅବସ୍ଥାରେ ମୁଗରେ କୋଡ ଖୋସା କରି ଘଷା ବାଛି ଦିଅନ୍ତୁ ଓ ଗଛ କୁଳକୁ ମାଟି ଟେକି ଦିଅନ୍ତୁ।
- ଜମି ରୁ ବର୍ଷା ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ।

**<u>ଚିନାବାଦାମ:</u>**

- ଚୀନା ବାଦାମ ୩-୫ ଅବସ୍ଥାରେ ଅଛି। ବାଦାମ ତିନି ସପ୍ତାହ ଅବସ୍ଥାରେ କୋଡଖୋଷା କରି ଘାସ ବାଛି ଦିଅନ୍ତୁ ଓ ଗଛ ମୂଳକୁ ହୁଡ଼ା ଦିଅନ୍ତୁ। ଜମି ରୁ ବର୍ଷା ପାଣି ନିଷ୍କାସନ ବ୍ୟବସ୍ଥା କରନ୍ତୁ।

**<u>ଆଖୁ :</u>**

- ଆଖୁ  ବର୍ତମାନ ପିଲ ହେବା (୨୨-୨୩ ସପ୍ତାହ ) ଅବସ୍ଥାରେ ଅଛି।
- ବର୍ଷା ହେବା ସମ୍ଭାବନା ଥିବାରୁ ଆଖୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ।
- ଜଳସେଚନ କରନ୍ତୁ ନହିଁ ।

**ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଓ ନୋଡାଲ ଅଫିସର**
**ଗ୍ରାମୀଣ କୃଷି ମୌସମ ସେବା , ଭବାନୀପାଟଣା**